

# ସତ୍ୟବାକ୍ୟ

# THE WORD OF TRUTH

**SEPTEMBER & OCTOBER 2017**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published by

***Joshua & Kabita Gootam***

**CHURCH OF CHRIST**

**P.O. Box - 80, Kakinada, A.P. 533 001.**

**Ph : 0884-2363722**

**Vol-23. Sept. & Oct 2017. No-5**

***Published every two months in Oriya language for the Restoration of the pure New Testament Christianity***

---

## THE GREAT SALVATION

**Text :** Heb. 2:1-4

**Thesis :** To study Paul's approach the great salvation.

**Introduction :**

1. Apostle Paul was in Rome when he wrote to the Hebrews.
2. The Jews were apostatizing and Paul warned them not to do so.
3. He reminded them that God had been speaking to their fathers from the beginning and that He had spoken to us through Christ.
4. He pointed out that Christ is the creator and has superiority over the angles and the salvation brought forth by Jesus is a great salvation (Heb. 2:3a)
5. In this sermon,

a) The four ways he urged them to respect the great salvation

1. He admonished them
2. He provided proof of the great salvation.
3. He gave them a reminder. 4. He warned them.

b) Lesson we can learn from this passage.

**Discussion :**

1. Four ways he urged them to respect the great salavation

A. He admonished them.

1. 'We ought to.'

a. It implies both necessity and obligation

b. He was not merely suggesting that his audience apply these instructions.

2. 'Give the more earnest heed'

a. He was commanding them to give the more earnest heed.

# ସତ୍ୟବାଣୀ

# VOICE OF TRUTH

**VOL - XXIII KAKINADA SEP-OCT-2017**

## ଶିଷ୍ୟ କିଏ ?

## (What A Disciple is ?)

ସ୍ୱର୍ଗାରୋହଣ ପୂର୍ବେ ଯୀଶୁଖ୍ରୀଷ୍ଟ ଆଜ୍ଞା ଦେଇ କହିଲେ, ''ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର .....'' (ମାଥିଉ ୨୮:୧୯-୨୦)। ପରବିର୍ତ୍ତିତ ଆତ୍ମାଗୁଡ଼ିକ ଏକ ଛାତ୍ର ଠାରୁ ଶ୍ରେଷ୍ଠତର । କାରଣ ଛାତ୍ର, ଛାତ୍ରୀମାନେ ଶିକ୍ଷକଙ୍କ ପାଦତଳେ ବସି, ତାହାଙ୍କ ଠାରୁ ଶିକ୍ଷା ପାଆନ୍ତି । କିନ୍ତୁ ଶିଷ୍ୟମାନେ ଶିକ୍ଷା ପ୍ରାପ୍ତ ହୋଇ, ଆପଣା ଜୀବନରେ ଅବଲମ୍ବନ କରି, ଆପେ ଏକ ଶିକ୍ଷକ ରୂପେ ଅଭିବୃଦ୍ଧି ପାଆନ୍ତି । ''ଶିଷ୍ୟ ଗୁରୁଠାରୁ ଶ୍ରେଷ୍ଠ ନୁହେଁ'' ଯୀଶୁ ସେମାନଙ୍କୁ କହିଲେ,''କିନ୍ତୁ ପ୍ରତ୍ୟେକ ଶିଷ୍ୟ ସିଦ୍ଧ ହୋଇ ଆପଣା ଗୁରୁଙ୍କ ତୁଲ୍ୟ ହେବେ ।'' (ଲୂକ ୬:୪୦)। ଶିଷ୍ୟ, ଗୁରୁଙ୍କ ଠାରୁ ଶିକ୍ଷିତ ହୋଇ ତାହାଙ୍କୁ ଅନୁସରଣ କରି, ତାହାଙ୍କ ସାଦୃଶ୍ୟରେ ଆପଣାକୁ ଢ଼ାଳେ ।

### ଯୋହନଙ୍କ ଲିଖିତ ସୁସମାଚାର ଅନୁଯାୟୀ ଶିଷ୍ୟ :

୧) ଯେଉଁମାନେ ଯୀଶୁଙ୍କ ଶିକ୍ଷାରୁ ବିଚଳିତ ନ ହୁଅନ୍ତି, ଯୀଶୁ କହିଲେ,''ଯଦ୍ଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ପ୍ରକୃତରେ ମୋହର ଶିଷ୍ୟ....'' (ଯୋହନ ୮:୩୧) ବାଇବଲ ଶିକ୍ଷାରେ ଅଜ୍ଞ ବ୍ୟକ୍ତି, ବିଶ୍ୱାସ ପୂର୍ବକ କାରଣ, ''ବିଶ୍ୱାସ ଶ୍ରବଣରୁ ଜାତ ହୁଏ ।'' (ରୋମୀୟ ୧୦:୧୭)

୨) ଶିଷ୍ୟମାନେ ଏକ ଆରେକ ପ୍ରେମ କରନ୍ତି :- ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ''ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ, ଏହା ସମସ୍ତେ, ତଦ୍ୱାରା ଜ୍ଞାତ ହେବେ । (ଯୋହନ ୧୩:୩୫) । ପ୍ରେମ ନ ଥିବା ଖ୍ରୀଷ୍ଟିୟାନ, ବ୍ୟର୍ଥ ଖ୍ରୀଷ୍ଟିୟାନ (୧ମ ଯୋହନ ୪:୨୦) । ଈଶ୍ୱର ପ୍ରେମମୟ, ତେଣୁକରି ତାହାଙ୍କ ସନ୍ତାନମାନଙ୍କ ପରସ୍ପର ମଧ୍ୟରେ ପ୍ରେମ ରହିବା ସେ ଇଚ୍ଛା କରନ୍ତି । (୧ମ ଯୋହନ ୪:୮) । ''ସେ ଆମ୍ଭମାନଙ୍କ ନିମନ୍ତେ ଆପାଣା ପ୍ରାଣ ଦାନ କରିବା ଦ୍ୱାରା ଆମ୍ଭେମାନେ ପ୍ରେମର ପରିଚୟ ପାଇଅଛୁ, ପୁଣି ଭାଇମାନଙ୍କ ନିମନ୍ତେ ଆମ୍ଭମାନଙ୍କର ମଧ୍ୟ ପ୍ରାଣ ପ୍ରାଣଦାନ କରିବା ଉଚିତ ।'' (୧ମ ଯୋହନ ୮:୧୬) ।

୩) ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଫଳ ଫଳନ୍ତି : ''ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହିମାନ୍ୱିତ ହେବେ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ ।'' (ଯୋହନ ୧୫:୮) ବାଇବଲ ଭାଷାରେ ଫଳ ଉତ୍ପାଦନର ଅର୍ଥ : (୧) ଧାର୍ମିକତାର ଜୀବନଯାପନ କରିବା (୨) ଅନ୍ୟମାନଙ୍କ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିବା, ଅଥବା ଯୀଶୁଙ୍କ ନିମନ୍ତେ ଅନେକ ଆତ୍ମା ଲାଭ କରିବା (୧ମ ପିତର ୧:୨୨) । ପ୍ରତ୍ୟେକ ଜୀବନ୍ତ ଜୀବ ବୃଦ୍ଧି ପାଏ । (ଆଦି ୧:୨୨) । ଫଳ ଫଳିବା ହିଁ ପ୍ରକୃତ ଶିଷ୍ୟତ୍ୱର ପ୍ରତିରୂପ ।

ଯୀଶୁଙ୍କ ବାକ୍ୟ ଶିକ୍ଷା କରିବା, ତାହାଙ୍କ ଅନୁସରଣ କରିବା ଓ ଅନ୍ୟମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବା ପ୍ରକୃତ ଶିଷ୍ୟର ଲକ୍ଷଣ । ଶିଷ୍ୟମାନେ ଅନ୍ୟମାନଙ୍କୁଶିଷ୍ୟ ହେବାରେ ସାହାଯ୍ୟ କରନ୍ତି । ''ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ, ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮:୨୦)

**- Donny Weimar**

❋❋❋

# ଲୂକ ୧୬:୧୯-୩୧ ପଦରୁ ପ୍ରାପ୍ତ ଶିକ୍ଷା !
## ( Lesson Learned from Luke 16:19-31 )

ଲୂକ ୧୬:୧୯-୩୧ ପଦଗୁଡ଼ିକରେ ଲାଜର ଓ ଏକ ଧନୀ ଲୋକର କାହାଣୀ ପଢ଼ିପାରୁ । ଲାଜର ଧନୀ ଲୋକଙ୍କ ଦ୍ୱାରରେ ଆପଣା ମୃତ୍ୟୁ ପର୍ଯ୍ୟନ୍ତ ଭିକ୍ଷା ମାଗୁଥିଲେ । ପ୍ରଥମେ ଲାଜର ମୃତ୍ୟୁ ଭୋଗିଲେ, ତତ୍ପରେ ଧନୀଲୋକଙ୍କ ମୃତ୍ୟୁ ହେଲା । ଏହି କାହାଣୀ ଆମ୍ଭମାନଙ୍କୁ ଅନେକ ଶିକ୍ଷା ଦିଏ ।

**ଏହି କାହାଣୀରେ ଭିକ୍ଷୁକଙ୍କ ନାମ ଉଲ୍ଲେଖ କରାଯାଏ, କିନ୍ତୁ ଧନୀଲୋକଙ୍କ ନୁହେଁ :-** ଆମ୍ଭମାନଙ୍କ ଦୃଷ୍ଟିକୋଣରୁ ପରମେଶ୍ୱରଙ୍କ ଦୃଷ୍ଟିକୋଣ ଭିନ୍ନ । ସେ ମନୁଷ୍ୟମାନଙ୍କ ହୃଦୟର ପରୀକ୍ଷକ, କିନ୍ତୁ ଆମ୍ଭେମାନେ ମନୁଷ୍ୟମାନଙ୍କ ବାହ୍ୟ ରୂପ ଉପରେ ପ୍ରାଧାନ୍ୟତା ଦେଉ । (୧ମ ଶାମୁୟେଲ ୧୬:୭) । ଏହି କାହାଣୀ ଯଦି ଆମ୍ଭେମାନେ ଲେଖିଥାନ୍ତୁ । ଧନୀଲୋକଙ୍କ ନାମ ଲେଖନ୍ତୁ, କିନ୍ତୁ ଭିକ୍ଷୁକଙ୍କ ନାମ ଭୁଲିଥାନ୍ତୁ । ଧନୀ ଲୋକଙ୍କ ସମାଧି କାର୍ଯ୍ୟକ୍ରମରେ କିଏ ଓ କେତେ ଲୋକ ଉପସ୍ଥିତ ହେଲେ, ସୁସମାଚାର ପ୍ରଚାରକ ଧନୀଲୋକଙ୍କୁ କିପରି ପ୍ରଶଂସା କଲେ, ଏହି ସମସ୍ତ ଆମ୍ଭମାନଙ୍କ ଲେଖନୀର ବିଷୟବସ୍ତୁ ହୁଅନ୍ତା । ମନୁଷ୍ୟମାନେ ଭିକ୍ଷୁକ ପ୍ରାଧାନ୍ୟତା ଦିଅନ୍ତି ନାହିଁ ।

**ଲାଜର, ଦୂତମାନଙ୍କ ଦ୍ୱାରା, ଅବ୍ରାହମଙ୍କ କୋଳକୁ ନୀତ ହେଲେ :-** ଧନୀଲୋକ ମୃତ୍ୟୁ ଭୋଗି, ସମାଧି ପ୍ରାପ୍ତ ହେଲେ । ଦୂତମାନେ, ଲାଜରଙ୍କ ଆତ୍ମାକୁ ଅବ୍ରାହମ ନିକଟକୁ ଘେନି ଗଲେ । ଧନୀଲୋକ ସମାଧିପ୍ରାପ୍ତ ହେଲେ ହେଁ, ସିଧା ନରକକୁ ଗଲେ । ଉଭୟେ ଯିହୂଦୀ ଜାତିର ଲୋକ । ପରମେଶ୍ୱରଙ୍କ ସନ୍ତାନ । ପୁରାତନ ବ୍ୟବସ୍ଥାଧିନ । ଜଣକ ଆତ୍ମା ଅବ୍ରାହମଙ୍କ କୋଳରେ, ଅନ୍ୟଜଣଙ୍କ ଆତ୍ମା ନରକରେ । ବ୍ୟବସ୍ଥାଧୀନ ଏହି ଦୁଇଜଣରୁ କିଏ ଧାର୍ମିକ ଓ କିଏ ଅଧାର୍ମିକ ? ଅବ୍ରାହମଙ୍କ କୋଳରେ ନୀତ ଲାଜର ଧାର୍ମିକ । କିନ୍ତୁ ନରକରେ ଯନ୍ତ୍ରଣା ଭୋଗୁଥିବା ଧନୀଲୋକ ଅଧାର୍ମିକ ।

**ବିଚାର ସଂଘଟିତ ହେଲା :-** ପ୍ରଥମ ବ୍ୟବସ୍ଥାଧୀନ ଦ୍ୱୟ, ଏହି ଜଗତରେ ସେମାନଙ୍କ ଜୀବନଶୈଳୀ ଦ୍ୱାରା ବିଚାରିତ ହେଲେ । ଭବିଷ୍ୟତରେ ଘଟିବାକୁ ଯାଉଥିବା ବିଚାର,

ପ୍ରଥମ ବିଚାରକୁ ପରିବର୍ତ୍ତନ କରି ନ ପାରେ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ମୃତ୍ୟୁଭୋଗିବା ପ୍ରତ୍ୟେକ ମନୁଷ୍ୟ ଏପରି ଭାବେ ବିଚାରିତ ହେବେ । ମୃତ ମନୁଷ୍ୟମାନଙ୍କ ଆତ୍ମା ଧାର୍ମିକମାନଙ୍କ ସହିତ କିଅବା (ଧନୀଲୋକ, ଇଷ୍କାରିଓ ଯିହୂଦା, ପିଲାତ ପ୍ରଭୃତି)ମାନଙ୍କ ସହିତ ନରକରେ ଯନ୍ତ୍ରଣା ଭୋଗିବେ । ଆପଣ ମୃତ୍ୟୁ ଭୋଗିବା ତତ୍କ୍ଷଣାତ୍ ଜାଣିବେ ଯେ, ଆପଣା କେଉଁସ୍ଥାନରେ ନିତ୍ୟ ଜୀବନ କଟାଇବେ । ଏକ କ୍ଷଣ ମଧ୍ୟରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

**ଧନୀଲୋକ ଅବ୍ରାହମ ଓ ଲାଜରଙ୍କୁ ଚିହ୍ନିଲେ :-** ସେ ଅବ୍ରାହମଙ୍କ ଛବି ଦେଖି ନ ଥିଲେ, କିନ୍ତୁ ସେ ତାହାଙ୍କୁ ଜାଣିଥିଲେ । ଅନେକ ବର୍ଷ ପୂର୍ବେ ଅବ୍ରାହମ ଏହି ଜଗତରେ ଜୀବନଯାପନ କରିଥିଲେ, ତାହାଙ୍କ ଶରୀର ମାଟିରେ ମିଶିଯାଇଅଛି । (ଉପଦେଶକ ୧୨:୭) କିନ୍ତୁ ଧନୀଲୋକଙ୍କ ଆତ୍ମା ଅବ୍ରାହମଙ୍କ ଆତ୍ମାଙ୍କୁ ଚିହ୍ନି ପାରିଥିଲେ । ଦୁଃଖର ବିଷୟ ଏହି କି ଯେ, ସେ ଲାଜରଙ୍କ ବିଷୟରେ ମନଯୋଗ କରିବାରେ ବିଳମ୍ବ କଲେ । ଲାଜର, ତାହାଙ୍କ ନିମନ୍ତେ କିଛି ଆୟୋଜନ କରିବେ ବୋଲି ସେ ଆଶା କରିଥିଲେ । ଅନେକ ସମୟରେ ଆମ୍ଭେମାନେ ଏପରି ବ୍ୟବହାର କରିଥାଉଁ । ଅବ୍ରାହମ ଓ ଲାଜରଙ୍କୁ ଧନୀଲୋକ ଚିହ୍ନି ପାରିଥିଲେ, ଆମ୍ଭେମାନେ ମଧ୍ୟ ମୃତ୍ୟୁ ପରେ ଆମ୍ଭମାନଙ୍କ ପରିଚିତ ବ୍ୟକ୍ତିମାନଙ୍କୁ ଚିହ୍ନି ପାରିବା ।

**ଧନୀଲୋକ 'କୃପା' କରିବାକୁ ଅବ୍ରାହମଙ୍କୁ ଭିକ୍ଷା କରିଥିଲେ :** ମରଣ ପରେ ଆଉ 'କୃପା' କରାଯାଏ ନାହିଁ । ବିଳମ୍ବ ହୁଏ । ବର୍ତ୍ତମାନ ହିଁ 'ଦୟା' ଓ 'କୃପା'ର ସମୟ । (ତିତସ ୨:୧୧-୧୪, ୧ମ ତୀମଥି ୧:୨) । ବର୍ତ୍ତମାନ ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେଉ । ସମାଧିପ୍ରାପ୍ତ ହେବା ପରେ, ପରିତ୍ରାଣ ପ୍ରାପ୍ତ ହୋଇ ନ ପାରୁ । ମରଣରେ ଅନନ୍ତଜୀବନର ସ୍ଥାନ ନିର୍ଣ୍ଣିତ ହୁଏ । ଏବେ ଆପଣ ଯଦି ମରଣ ଭୋଗନ୍ତି, ନିତ୍ୟ ଜୀବନ କେଉଁଠି ବିତାଇବେ ?

**ଈଶ୍ୱରଙ୍କ ବାକ୍ୟ ନିମନ୍ତେ ଧନୀଲୋକଙ୍କ ସମୟ କିଅବା ଆସକ୍ତି ନ ଥିଲା (୨୭,୨୮ ପଦ) :** ସେ ଭୋଜନ, ପାନ ଓ ଆମୋଦରେ ଜୀବନଯାପନ କରୁଥିଲେ । (୨୫ତମ ପଦ, ଯାତ୍ରା ୩୨:୬, ୧ମ କରନ୍ଥୀ ୧୫:୩୨, ଲୂକ ୧୨:୧୯) । ଏହି ଜଗତରେ ସେ ଆପଣା ପ୍ରତିଫଳ ପାଇଥାଉ । ପାପରୁ ଜାତ ସୁଖଭୋଗ, ଏହି ଜାଗତିକ ଜୀବନରେ ପରିମିତ ବୋଲି ବହୁତ ବିଳମ୍ବରେ ଜ୍ଞାତ ହେଲେ । (ଏବ୍ରୀ

୧୧:୨୬) ସେ ପରମେଶ୍ୱରଙ୍କୁ ପ୍ରତାରଣା କରୁଅଛନ୍ତି ବୋଲି ମନେ କରୁଥିଲେ, କିନ୍ତୁ ସେ ଆପଣାକୁ ପ୍ରତାରିତ କରିଥିଲେ ।

**ଧନୀଲୋକ ଅନ୍ୟମାନଙ୍କ ଆତ୍ମା ନିମନ୍ତେ ମନଯୋଗୀ ହେବାକୁ ଇଚ୍ଛା କଲେ ସୁଦ୍ଧା, ଆଉ ସମୟ ନ ଥିଲା:-** ଆପଣା ଭୁଲ ନରକରେ ସୁଧାରିବାକୁ ଇଚ୍ଛା କଲେ । ସେ ଆପଣାର ଆତ୍ମାର ପରିତ୍ରାଣ ଅପେକ୍ଷା ଜାଗତିକ ବିଷୟରେ ଅଧିକ ମନଯୋଗ ହୋଇଥିଲେ । କିନ୍ତୁ ନରକରେ ଅଧିକ ମନୋଯୋଗୀ ହୋଇଥିଲେ । କିନ୍ତୁ ନରକରେ ମନ ପରିବର୍ତ୍ତନ କରିବାକୁ ଆଉ ସମୟ ନ ଥିଲା । ସେ ଆପଣା ଭାଇମାନଙ୍କ ଶେଷ ଗତି ଜାଣିଲେ ସୁଦ୍ଧା, ନିରୁପାୟ ହେଲେ । ଆମ୍ଭମାନଙ୍କ ମଧ୍ୟରୁ କେତେଜଣ, ଆମ୍ଭମାନଙ୍କ ଭାବି ଜୀବନ ବିଷୟରେ, ଆଦର୍ଶମୟ ଜୀବନ ନିମନ୍ତେ ଅଛୁ ମନଯୋଗୀ ? କେତେଜଣ ଆପଣା ଜୀବନ ଦ୍ୱାରା, ଅନ୍ୟମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷଣ କରି ପାରୁଅଛୁ ?

**ଧନୀଲୋକ ବର୍ତ୍ତମାନ ସୁଦ୍ଧା, ନରକ ଯନ୍ତ୍ରଣା ଅନୁଭବ କରୁଅଛନ୍ତି :-** ଦୁଇ ହଜାର ବର୍ଷ ହେଲା, ସେ ନରକ ଯନ୍ତ୍ରଣା ଭୋଗୁଅଛନ୍ତି ଏବଂ ଭୋଗୁଥିବେ । ଆଉ ନରକ ଯନ୍ତ୍ରଣାକୁ ମୁକ୍ତି ନାହିଁ । ତାହାଙ୍କ ଯନ୍ତ୍ରଣା ନିତ୍ୟସ୍ଥାୟୀ । ସେ ଜଣେ ପରମେଶ୍ୱରଙ୍କ ସନ୍ତାନ, କିନ୍ତୁ ଅବିଶ୍ୱସ୍ତ ଜୀବନଯାପନ ତାହାଙ୍କ ପତନର କାରଣ ହେଲା, ସେ ପରମେଶ୍ୱରଙ୍କ ଆଜ୍ଞା ଲଂଘନ କଲେ । ଅବହେଳା କଲେ, ଅନାସକ୍ତ ରହିଲେ । ସେ ପରମେଶ୍ୱରଙ୍କୁ ତ୍ୟାଗ କରିବାରୁ, ପରମେଶ୍ୱର ତାହାଙ୍କ ପରିତ୍ୟାଗ କଲେ । (ଯୋହନ ୧୨:୪୭,୪୮) । ଆପଣଙ୍କ ପରିସ୍ଥିତି କଅଣ ?

- Ray Hawk

❃❃❃

# ହନୋକ
## ( Enoch )

ଆଦମଙ୍କ ଠାରୁ ସପ୍ତମ ପୁରୁଷ ହନୋକଙ୍କ ବିଷୟରେ ପବିତ୍ର ଧର୍ମଶାସ୍ତ୍ର କହେ,"ହନୋକ, ପରମେଶ୍ୱରଙ୍କ ଗମନାଗମନ କଲେ, ଆଉ ସେ ଅର୍ନ୍ତହିତ ହେଲେ, ଯେହେତୁ ପରମେଶ୍ୱର ତାଙ୍କୁ ଗ୍ରହଣ କଲେ ।" (ଆଦି ୫:୨୪) ଏବ୍ରୀ ପୁସ୍ତକ କର୍ତ୍ତା ବିଶ୍ୱାସର ଏହି ଯୋଦ୍ଧାଙ୍କ ବିଷୟରେ ଲେଖନ୍ତି,"ବିଶ୍ୱାସ ଦ୍ୱାରା ହନୋକ ମୃତ୍ୟୁ ଭୋଗ ନ କରି ଅର୍ନ୍ତହିତ ହେଲେ, ସେ ଆଉ ଦେଖାଗଲେ ନାହିଁ, କାରଣ ଈଶ୍ୱର ତାହାଙ୍କୁ ଅର୍ନ୍ତହିତ କରିଥିଲେ । ସେ ଯେ ଈଶ୍ୱରଙ୍କର ସନ୍ତୋଷ ପାତ୍ର, ଅର୍ନ୍ତହିତ ପୂର୍ବେ ସେଥିରୁ ସାକ୍ଷ୍ୟ ପ୍ରାପ୍ତ ହୋଇଥିଲେ ।" (ଏବ୍ରୀ ୧୧:୫) । ହନୋକଙ୍କ ଜୀବନର ଅନ୍ୟ କୌଣସି ଘଟଣା ପବିତ୍ର ଶାସ୍ତ୍ରରେ ଲିଖିତ ହୋଇନାହିଁ । କିନ୍ତୁ ସେ ପରମେଶ୍ୱରଙ୍କ ସହିତ ଗମନାଗମନ କରି "ତାହାଙ୍କ ସନ୍ତୋଷ ପାତ୍ର" ଜୀବନଯାପନ କରିଥିଲେ ବୋଲି ପବିତ୍ର ବାକ୍ୟ ଦ୍ୱାରା ଜାଣିପାରୁ ।"

ନୋହଙ୍କ ବିଷୟରେ ମଧ୍ୟ ବାକ୍ୟ କହେ,"....ନୋହ ଆପଣା ଲୋକ ଥିଲେ; ନୋହ ପରମେଶ୍ୱର ସହିତ ଗମନାଗମନ କଲେ ।" (ଆଦି ୬:୯) । ତାହାଙ୍କ ଜୀବନ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ଥିଲା । ପରମେଶ୍ୱରଙ୍କ ସହ ଗମନାଗମନ କରିବାର ଅର୍ଥ କଅଣ ? ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ ଜୀବନଯାପନ କରିବା । ତାହାଙ୍କ ପୂର୍ବପୁରୁଷ ହେବଲଙ୍କ ସଦୃଶ୍ୟ ପରମେଶ୍ୱରଙ୍କୁ ସର୍ବପ୍ରଥମେ ସ୍ଥାନ ଦେଉଥିଲେ । ତାହାଙ୍କୁ ସର୍ବୋତ୍କୃଷ୍ଟ ବିଷୟ ପରମେଶ୍ୱରଙ୍କ ବଳି ଦେଉଥିଲେ ।

ହନୋକଙ୍କ ତିନିଶ ପଞ୍ଚଷଠି ବର୍ଷ ଜୀବନକାଳରେ, ତାଙ୍କ ପୂର୍ବପୁରୁଷ ଈନୋଶଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ଠାରେ ପ୍ରାପ୍ତ କରୁଥିଲେ । ପ୍ରାର୍ଥନା ଦ୍ୱାରା ସେ ପରମେଶ୍ୱରଙ୍କ ଆଜ୍ଞାବହ ଥିଲେ । (ଆଦି ୬:୨୨)

ହନୋକଙ୍କ ପରମେଶ୍ୱରଙ୍କ ସହିତ ସତ୍ ସମ୍ବନ୍ଧ ସେ ତାହାଙ୍କ ସାନ୍ନିଧରେ ଆପଣା ସମୟ ବିତାଉଥିଲେ । ପରମେଶ୍ୱରଙ୍କ ସହଭାଗିତାରେ ଜୀବନଯାପନ ନ କଲେ, ତାହା ସନ୍ତୋଷ ପାତ୍ର ହୋଇ ପାରି ନଥାନ୍ତା । ସେ ଜୀବନର ଶେଷଦଶା ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କରିଥିଲେ । (ପ୍ର:ବା: ୨:୧୦)

ହନୋକ ଏକ ଭାବବାଦୀ ଥିଲେ (ଯିହୂଦା ଦୁଷ୍ଟ ସମାଜକୁ ଆଗାମୀ ବିଚାର ନିମନ୍ତେ ସତର୍କ କରୁଥିଲେ । ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ, ସେ ଅନେକ ପୁତ୍ରକନ୍ୟାଙ୍କ ଏକ ଉତ୍ତମ ପିତା ଥିଲେ । କାରଣ ତାହାଙ୍କ ସମୟର ସମାଜ ଦୁଷ୍ଟ ଥିଲା ତାହାଙ୍କ ସମକାଳୀନ ମନୁଷ୍ୟମାନଙ୍କ ତୁଳନା ଅଳ୍ପ ସମୟରେ ଏହି ଜଗତରେ ବାସ କଲେ ହେଲେ, ତାହାଙ୍କ ଜୀବନ ଆମ୍ଭମାନଙ୍କ ନିମନ୍ତେ ଏକ ଆଦର୍ଶମୟ ।

ଏବ୍ରୀ ୧୧:୫ ବଚନ ହନୋକ ବିଷୟରେ (୧) ପରମେଶ୍ୱରଙ୍କ ସହ ଗମନାଗମନ କଲେ । (୨) ତାହାଙ୍କ ଜୀବନ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ଥିଲା ।(୩) ସେ ଶାରୀରିକ ମୃତ୍ୟୁ ଭୋଗି ନ ଥିଲେ । (୪) ଈଶ୍ୱର ତାହାଙ୍କୁ ଅନ୍ୟ କରିଥିଲେ । ସେ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ଥିଲେ ।

ହନୋକଙ୍କ ଜୀବନର ବିଶିଷ୍ଟତା :- ସେ ଭାବବାଦୀ ଏଲିୟ ଓ ପ୍ରଭୁ ଯୀଶୁଙ୍କ ସଦୃଶ୍ୟ ଶାରୀରିକ ମୃତ୍ୟୁ ଭୋଗ ନ କରି ସଶରୀରେ ସ୍ୱର୍ଗକୁ ନୀତ ହୋଇଥିଲେ । ମୃତ୍ୟୁ (Death) ଅର୍ଥ ବିଚ୍ଛେଦ (Separation) । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''କାରଣ ପାପର ବେତନ ମୃତ୍ୟୁ,.......'' (ରୋମୀୟ ୬:୨୩) । ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ତାହାଙ୍କ ଜୀବନରେ କୌଣସି ପାପ ନ ଥିବାରୁ, ସେ ମୃତ୍ୟୁ ଭୋଗ ନ କରି ଅର୍ନ୍ତହିତ ହୋଇଥିଲେ । ଇଂରାଜୀ ଭାଷାରେ "By faith Enoch was translated that he should see death and was not found, because God has translated him; for before his translation he had his testimony, that he pleased God" (Col 1:13) Translation ର ଅର୍ଥ Taken to another World କିଅବା ସ୍ଥାନାନ୍ତରିତ କରିଥିଲେ । ଧାର୍ମିକ, ନିନ୍ଦାରହି ନିଷ୍ପାପୀ, ପରମେଶ୍ୱରଙ୍କ ସହ ଗମନାଗମନକାରୀ ହନୋକ ଶାରୀରିକ ମୃତ୍ୟୁ ଭୋଗ କରି ନ ଥିଲେ ।

ମନୁଷ୍ୟ ମୃତ୍ୟୁ ଭୋଗିଲେ, ମନୁଷ୍ୟର ଆତ୍ମା ଶରୀର ବିଚ୍ଛିନ୍ନ ହୁଏ । ପାର୍ଥିବ ଶରୀର ଆଉ ଥରେ ମାଟିରେ ମିଶିଯାଏ, ''ପୁଣି, ଧୂଳି ପରି ମୃତ୍ତିକାରେ ଲୀନ ହେବ, ଆଉ ଆତ୍ମଦାତା, ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରିଯିବ (ଉପଦେଶକ ୧୨:...) ମନୁଷ୍ୟର ଶରୀର ଅନେକ ଖଣିଜ ପଦାର୍ଥରେ ଗଠିତ । (Like - Calcium, Iron, Salt, Minerals etc.) କିନ୍ତୁ ମନୁଷ୍ୟର ଆତ୍ମା ପରମେଶ୍ୱରଙ୍କ ଦତ୍ତ ।

''ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କି ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।'' (ଆଦି ୨ :୭) । ପ୍ରତ୍ୟେକ ମନୁଷ୍ୟର ଶରୀର ମୂର୍ତ୍ତିମୟ, କ୍ଷଣସ୍ଥାୟୀ । କିନ୍ତୁ ମନୁଷ୍ୟର ଆତ୍ମା ଅକ୍ଷୟ, ଧାର୍ମିକ ଆତ୍ମାମାନେ ପରମେଶ୍ୱରଙ୍କ ନିକଟରେ ଅଧାର୍ମିକ ଆତ୍ମା ମାନେ ଶୟତାନ ସହ ନରକରେ ଅନନ୍ତଜୀବନ ବିତାଇବେ ।

ମନୁଷ୍ୟ ମୃତ୍ୟୁ ଭୋଗିଲେ ତାହାର ଶରୀର ଧୂଳିରେ ମିଶିଯାଏ କିନ୍ତୁ ତାହାର ଆତ୍ମା ଗତି କରେ ଯୀଶୁଖ୍ରୀଷ୍ଟଙ୍କ ସହ କ୍ରୁଶରେ ଗଢ଼ାଯାଇ, ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବା ଡକାଇତ ପ୍ରଭୁ ଯୀଶୁ କହିଥିଲେ, ''.....ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ ''ପାରଦୀଶ''ରେ ଉପସ୍ଥିତ ହେବ । ଧନୀ ଲୋକ ଓ ଲାଜରଙ୍କ ଦୃଷ୍ଟାନ୍ତରେ, ଲାଜର ମୃତ୍ୟୁ ଭୋଗି ''ଅବ୍ରାହମଙ୍କ କୋଳ''କୁ ନିଆଗଲେ ବୋଲି ଆମେ ଲୁକ ୧୬:୨ ପଦରେ ପଢ଼ିଥାଉଁ । ଧାର୍ମିକମାନଙ୍କ ଆତ୍ମାଗୁଡ଼ିକ ଯୀଶୁଙ୍କ ଦ୍ୱିତୀୟ ଆମନ ପର୍ଯ୍ୟନ୍ତ ପାରଦୀଶରେ ଅପେକ୍ଷା କରୁଅଛନ୍ତି ( ୧ମ ଥେସ ୪:୧୬, ୧ମ କରିନ୍ଥୀ ୧୫:୧ ) ତେବେ ଅଧାର୍ମିକ ଆତ୍ମାମାନଙ୍କ ଗତି କଅଣ ? ଲାଜର ଓ ଧନୀ ଲୋକର ଦୃଷ୍ଟାନ୍ତରେ, ''......ଧନୀଲୋକ ମଧ୍ୟ ମରିଗଲା ଓ ସମାଧି ପାଇଲା । ଆଉ ସେ ନରକ ଯନ୍ତ୍ରଣାରେ କଲବଲ ହୋଇ.....'' (ଲୁକ ୧୬:୨୩) ଏକ ଈଶ୍ୱର ପାପରେ ପତିତ ଦୂତମାନଙ୍କୁ ନ ଛାଡ଼ି ନରକରେ ନିକ୍ଷେପ କରି ବିଚାର ନିମନ୍ତେ ଅନ୍ଧକାରମୟ ଗହ୍ୱରରେ ରଖିଅଛନ୍ତି (୨ ପିତର ୨:୪,୯), ଯିହୂଦା ୬, ପ୍ର:ବା: ୨୦:୧୦) ଧାର୍ମିକ ଓ ଅଧାର୍ମିକମାନଙ୍କ ଆତ୍ମା ଶେଷ ବିଚାର ପର୍ଯ୍ୟନ୍ତ Hades ନାମକ ସ୍ଥଳରେ ଅପେକ୍ଷାରେ ରହୁଅଛନ୍ତି Hades ଦୁଇଟି ଭାଗରେ ବିଭକ୍ତ । (୧) ଧାର୍ମିକମାନଙ୍କ ଆତ୍ମା Paradise ଓ ଅଧାର୍ମିକମାନଙ୍କ ଆତ୍ମା Taratus ନାମକ ସ୍ଥାନରେ ଅପେକ୍ଷାରେ ଅଛନ୍ତି । ଯୀଶୁ କହିଲେ, ''ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ତାହାଙ୍କ ସ୍ୱର ଶୁଣିବେ, ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନରୁଥାନ ନିମନ୍ତେ ବାହାର ହୋଇ ଆସିବେ, ଏପରି ସମୟ ଆସୁଅଛି । (ଯୋହନ ୫:୨୮, ପ୍ର:ବା: ୨୦:୧୩)

ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ୨ୟ ଆଗମନ ସମୟ କଅଣ ଘଟିବ, ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ ଲେଖନ୍ତି, ".....ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୁରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ, ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଷଶାଳାରେ ଶୂନ୍ୟମଣ୍ଡଳୀକୁ ନୀତ ହେବୁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୪:୧୬-୧୭) । "କିନ୍ତୁ ଏକ ମୁହୂର୍ତ୍ତରେ, ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନୀରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା । କାରଣ ତୂରୀବାଦନ ଆଉ ମୃତମାନେ ଅକ୍ଷୟ ହୋଇ ଉତ୍‌ଥିତ ହେବେ, ପୁଣି ଆମ୍ଭେମାନେ ପରବର୍ତ୍ତିତ ହେବା । କାରଣ ଏହି କ୍ଷୟ ଶରୀର ଅକ୍ଷୟତାରୂପ ବସ୍ତ୍ର ପରିଧାନ କରିବାକୁ ହେବ, ଆଉ ମର୍ତ୍ତ୍ୟ ଶରୀରକୁ ଅମରତା ରୂପ ବସ୍ତ୍ର ପରିଧାନ କରିବାକୁ ହେବ ।" (୧ମ କରିନ୍ଥୀ ୧୫:୫୨-୫୩) । "ଆମ୍ଭେମାନେ ପରିବର୍ତ୍ତିତ ହେବା ।" ଓ "ଅକ୍ଷୟ ଓ ଅମରତା"ର ବସ୍ତ୍ର କିଏ ପରିଧାନ କରିବେ ? ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ରହି ଜୀବନଯାପନ କରନ୍ତି, ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ରହି ମରଣ ଭୋଗନ୍ତି, ଆମ୍ଭେମାନେ ପ୍ରଥମ ମନୁଷ୍ୟ ଆଦମଙ୍କ ସଦୃଶ୍ୟ, ମୂର୍ତ୍ତି ନିର୍ମିତ ପାର୍ଥିବ ଶରୀର ଧାରଣ କରିଅଛୁ, ଶେଷରେ (ଯୀଶୁଖ୍ରୀଷ୍ଟ) ପ୍ରତିମୂର୍ତ୍ତି ମଧ୍ୟ ଧାରଣ କରିବା । (୧ମ କରନ୍ଥୀ ୧୫:୪୪-୫୮) । ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରିପାରେ ନାହିଁ, କିମ୍ବା ଅକ୍ଷୟତା ଅଧିକାର କରିପାରେ ନାହିଁ, ତେଣୁକରି ଆମ୍ଭମାନଙ୍କୁ ଶେଷ ଆଦମଙ୍କ ସଦୃଶ୍ୟ ଆତ୍ମିକ ଶରୀରକୁ ପରିବର୍ତ୍ତିତ ହେବା ଆବଶ୍ୟକ । "କିନ୍ତୁ ଆମେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁ ଗୌରବ ଗୌରବ ଦେଖି ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ପ୍ରତୁମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ । ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କ ଏହିସବୁ ହେଉଅଛି ।" (୨ୟ କରିନ୍ଥୀ ୩:୧୮, ରୋମୀୟ ୮:୨୯, ଗାଲାତୀ ୪:୧୯), ଏଫିସୀ ୪:୧୯)

ଦ୍ୱିତୀୟରେ ଆଦମ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ସାଦୃଶ୍ୟରେ ଦିନ ଦିନକୁ ବୃଦ୍ଧିପ୍ରାୟ ତାହାଙ୍କ ପ୍ରତିମୂର୍ତ୍ତିରେ ପରବର୍ତ୍ତିତ ହେଲେ, ସେହି ଅକ୍ଷୟ ଓ ଅମରତାର

ଶରୀରକୁ ପରିବର୍ତ୍ତିତ ହୋଇପାରିବା । ହନୋକଙ୍କ ସଦୃଶ୍ୟ ଆମ୍ଭେମାନେ ଜୀବନ ପରମେଶ୍ୱରଙ୍କ ସନ୍ତୋଷଜନକ ତାହାଙ୍କ ଆଜ୍ଞାପାଳନକାରୀ ହେଉଁ । ବାକ୍ୟଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ସହଭାଗିତାରେ ଜୀବନଯାପନ କରୁ ।

ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକି ଲେଖନ୍ତି, ''.....ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନାସୁରେ ପୂର୍ଣ୍ଣ ବୟସ୍କ ହେଉ (୪:୧୨) । ହନୋକ ପରମେଶ୍ୱରଙ୍କ ସହ ଗମନାଗମନ କରି, ''ପୂର୍ଣ୍ଣବୟସ୍କ'' ହୋଇ ପରଲୋକକୁ ସ୍ଥାନାନ୍ତରିତ (Translated) ହୋଇଥିଲେ । ଆସ ଆମ୍ଭେମାନେ, ହନୋକ, ସଦୃଶ୍ୟ ପରମେଶ୍ୱରଙ୍କ ସହିତ ଗମନାଗମନ କରି, ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେଉ । ସେହି ଆତ୍ମିକ ଶରୀର ପ୍ରାପ୍ତ ହୋଇପାରିବା ।

**- Kabita Gootam**

❋❋❋

# ପବିତ୍ର ଶାସ୍ତ୍ରର ମୂଲ୍ୟ

## ( The value of Holy Scripture ! )

ଏହି ବିଶ୍ୱର ସୃଷ୍ଟିକର୍ତ୍ତା, ଆପଣାକୁ ଅନେକ ପ୍ରକାରେ ଆପଣାକୁ ପ୍ରକାଶିତ କରିଅଛନ୍ତି । ତାହାଙ୍କ ହସ୍ତକୃତ କର୍ମ ତାହାଙ୍କ ମହିମା ପ୍ରକାଶ କରେ । (ଗୀତ ୧୯:୧, ରୋମୀୟ ୧:୨୦୧) ପ୍ରେରିତ ପାଉଲ ଆଥନୀର ପ୍ରଜାଙ୍କୁ କହନ୍ତି,''.....ସେ ଆପଣାକୁ ସାକ୍ଷ୍ୟବିହୀନ କରି ନାହାନ୍ତି, କାରଣ ସେ ମଙ୍ଗଳ କରିଅଛନ୍ତି, ଆଉ ଆକାଶରୁ ବୃଷ୍ଟି ଓ ଫଳଦାୟକ ଋତୁଗୁଡ଼ିକ ଦେଇ ଭକ୍ଷ୍ୟ ଓ ଆନନ୍ଦରେ ଆପଣମାନଙ୍କ ହୃଦୟ ପରିତୃପ୍ତ କରିଅଛନ୍ତି ।'' (ପ୍ରେରିତ ୧୪:୧୭) ମନୁଷ୍ୟ ବିବେକ ଭଲ ଓ ମନ୍ଦର ସାକ୍ଷ୍ୟ ଦିଏ ଏହି ସମସ୍ତ ବିଷୟର ସାକ୍ଷ୍ୟ, ପରମେଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ନିମନ୍ତେ ଯଥେଷ୍ଟ ନୁହେଁ । ପବିତ୍ର ଶାସ୍ତ୍ର ସେହି ଅଭାବ ପୂରଣ କରେ । ପବିତ୍ର ଧର୍ମଶାସ୍ତ୍ର ଲିଖିତ ଭାବେ ଆମ୍ଭମାନଙ୍କୁ ପ୍ରଦାନ କରି ଆମ୍ଭମାନଙ୍କ ଉପରେ ଦୟା ପ୍ରକାଶ କରିଅଛନ୍ତି ।

ଈଶ୍ୱରଙ୍କ ବାକ୍ୟ ବିନ୍ନୁ ମନୁଷ୍ୟ ଜୀବନ ଅର୍ଥ ବୁଝିବା କଷ୍ଟକର । ଇଶ୍ରାଏଲର ରାଜା ଦାଉଦ କହନ୍ତି, ''ସଦାପ୍ରଭୁ ମୋହର ପ୍ରତିପାଳକ, ମୋହର ଅଭାବ ହେବ

ନାହିଁ....ଏଣୁ ମୁଁ ମୃତ୍ୟୁ ଛାୟା ରୂପ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ, ତୁମ୍ଭେ ମୋହର ସତ୍‌ବର୍ତ୍ତୀ, ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ସାନ୍ତ୍ୱନା ଦିଅନ୍ତି ।'' (ଗୀତ ୨୩:୧,୪)

ବାଇବଲ, ଏକ ଇତିହାସର ପୁସ୍ତକ ନୁହେଁ, ଏଥିରେ ଲିଖିତ ଇତିହାସ କାଳ୍ପନିକ ନୁହେଁ । ଏଥିରେ ଲିଖିତ ଇତିହା ସ୍ୱର୍ଗସ୍ଥ ପିତାଙ୍କ ମହିମା ବର୍ଣ୍ଣନା କରେ । ଏଥିରେ ଲିଖିତ ବିଷୟ ବିଶ୍ୱାସ ନ କରିବା ଲୋକ ନିଶ୍ଚିତ ଭାବେ ବିନାଶ ହେବେ ।

**- Wayne Jackson**

❋❋❋

# - ଆରାଧନା
## (Worship)

''ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ଗୃହକୁ ଯାଉ, ଏହି କଥା ଲୋକମାନେ ମୋତେ କହିବା ବେଳେ ମୁଁ ଆନନ୍ଦିତ ହେଲି ।'' (ଗୀତ ୧୨୨:୧) ବୋଲି ଦାଉଦ ହୃଷ୍ଟଚିତ୍ତରେ ଗାଉଥିଲେ । ସପ୍ତାହର ପ୍ରଥମ ଦିନରେ ଆରାଧନାରେ ଯୋଗଦେବା ନିମନ୍ତେ, ପ୍ରେରିତ ପାଉଲ ଓ ତାହାଙ୍କ ସାଥିମାନେ ତ୍ରୋୟାରେ ସାତଦିନ ରହିଗଲେ । ବାକ୍ୟ କହେ,''ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହେଲୁ .....'' (ପ୍ରେରିତ ୨୦:୭) । ଆରାଧନାରେ ଯୋଗଦେବା ଓ ରୋଟୀ ଭାଙ୍ଗିବା, ସେମାନଙ୍କ ଜୀବନର ସର୍ବମୁଖ୍ୟ କାର୍ଯ୍ୟ ଥିଲା । ପରମେଶ୍ୱରଙ୍କୁ ଆରାଧନା କରିବା ଆସକ୍ତ ପ୍ରେରିତ ପାଉଲ ଓ ଶୀଲା କାରାଗାରରେ ରହି ସୁଦ୍ଧା ପ୍ରାର୍ଥନା ଓ ସ୍ତବଗାନ କରିଥିଲେ । (ପ୍ରେରିତ ୧୬:୧୫) । ଶୁଦ୍ଧ ଓ ପବିତ୍ର ଆରାଧନା ଦ୍ୱାରା ପ୍ରତ୍ୟେକ ଧାର୍ମିକ ବ୍ୟକ୍ତି ଆତ୍ମିକତାରେ ବଳ ପାଏ ।

ଆରାଧନା କରିବାର ଅର୍ଥ, କେବଳ ପରମେଶ୍ୱରଙ୍କ ଠାରୁ ଆଶୀଷ ପାଇବା ନୁହେଁ । ନୂତନୀକୃତ, ଭରସା, ଆତ୍ମିକ ବଳ ଆରାଧନାରୁ ଆମ୍ଭେମାନେ ପ୍ରାପ୍ତ ହେଲେ ହେଁ, ପରମେଶ୍ୱରଙ୍କୁ ପ୍ରଶଂସା କରିବା, ଗୌରବ କରିବା ଆରାଧନାର ମୁଖ୍ୟ ଉଦ୍ଦେଶ୍ୟ ।

ଆମ୍ଭେମାନେ ଉର୍ଦ୍ଧ୍ୱ ଦୃଷ୍ଟି ନ ହୋଇ, ପାର୍ଥିବ ବିଷୟରେ ଆସକ୍ତ ହେଲେ, ଆମ୍ଭମାନଙ୍କ ଜୀବନର ସମସ୍ୟା ଆରମ୍ଭ ହୁଏ । ଆରାଧନାରେ ଯୋଗ ଦେବାରେ ଅବହେଳା କରିବା ଦ୍ୱାରା ସ୍ୱଆତ୍ମା ଆରାଧନା କରିଥାଉ ।

ପରମେଶ୍ୱରଙ୍କୁ ସନ୍ତୋଷ ନ କରି, ଆପଣା ଆପଣାକୁ ସନ୍ତୋଷ କରିଥାଉ । ପରମେଶ୍ୱରଙ୍କୁ ଗୌରବ ବଦଳେ, ଆପଣା ସମୟ କୌତୁକରେ ବିତାଉ । ଆରାଧନାର ସ୍ଥଳରୁ ବିନୋଦ କରିଥାଉଁ । ଆମ୍ଭମାନଙ୍କ ଆରାଧନା ଆମ୍ଭମାନଙ୍କ ଚିତ୍ତବିନୋଦ ନିମନ୍ତେ ନ ହୋଇ ପରମେଶ୍ୱରଙ୍କ ମହିମାର୍ଥେ ହେଉ ।

ଆମ୍ଭମାନଙ୍କ ଆରାଧନା ସନ୍ତୋଷଜନକ ହେଉ । ଆମ୍ଭମାନଙ୍କ ଆତ୍ମା, ଆତ୍ମିକତାରେ ବୃଦ୍ଧି ପାଉ, କିନ୍ତୁ ସଦାପ୍ରଭୁ ପରମେଶ୍ୱର ଉପାସନୀୟ ପିତା ଅଟନ୍ତି । ସମସ୍ତ ଗୌରବ, ମହିମା, ସମ୍ଭ୍ରମ ଯୁଗେ ଯୁଗେ ତାହାଙ୍କର ।

**- Dalton Key**

❋❋❋

## ଜ୍ଞାନୀ ଶଲୋମନଙ୍କ ମୁର୍ଖ ବ୍ୟବହାର

**( The wiseman Soloman acted foolishly )**

"ଆହୁରି ପରମେଶ୍ୱର ଶଲୋମନଙ୍କୁ ଅତିଶୟ ଜ୍ଞାନ ଓ ବୁଦ୍ଧି, ପୁଣି ସମୁଦ୍ରତୀରସ୍ଥ ବାଲୁକା ନ୍ୟାୟ ମନର ବିସ୍ତୀର୍ଣ୍ଣତା ପ୍ରଦାନ କଲେ ।" ( ୧ମ ରାଜାବଳୀ ୪:୨୯ ) । ବାଇବଲ ବିଦ୍ୟାର୍ଥୀ ପ୍ରତ୍ୟେକେ ଏହି ବିଷୟ ଜାଣନ୍ତି । ସେ ଏତେ ଜ୍ଞାନୀ ଥିଲେ ଯେ, ତାହାଙ୍କ ଖ୍ୟାତି ଦୂର ଦେଶମାନଙ୍କରେ ବ୍ୟାପି ଥିଲା । ଶଲୋମନ ଜ୍ଞାନ ବିଷୟରେ ଶୁଣି ଶୀବା ଦେଶସ୍ଥ ରାଣୀ, ତାହାଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଯିରୁଶାଲମ ଆସିଥିଲେ । ସେ ତାହାଙ୍କୁ କହିଲେ, "ତଥାପି ମୁଁ ଆସି ଆପଣା ଚକ୍ଷୁରେ ନ ଦେଖିବା ଯାଏ ସେ କଥା ବିଶ୍ୱାସ ନ କଲି; ଆଉ ଦେଖନ୍ତୁ ଅର୍ଦ୍ଧେକ ମୋତେ କୁହାଯାଇ ନ ଥିଲା, ମୁଁ ଯେଉଁ ସୁଖ୍ୟାତି ଶୁଣିଲି, ତଦ୍‌ପେକ୍ଷା ଆପଣଙ୍କ ଜ୍ଞାନ ଓ ଐଶ୍ୱର୍ଯ୍ୟ ଅଧିକ ।" ( ୧ମ ରାଜାବଳୀ ୧୦:୭)

ତଥାପି ପ୍ରତ୍ୟେକ ସାଧାରଣ ମନୁଷ୍ୟ ସଦୃଶ୍ୟ ସେ ମଧ୍ୟ ପରୀକ୍ଷିତ ହୋଇଥିଲେ ଓ ପାପରେ ପଡ଼ିଥିଲେ । କିଣାନ ଦେଶସ୍ଥ ସ୍ତ୍ରୀମାନଙ୍କ ସହ ବିବାହ ସମ୍ବନ୍ଧ ନ ରଖିବା ନିମନ୍ତେ ସଦାପ୍ରଭୁ ପରମେଶ୍ୱର ଇଶ୍ରାଏଲ ସନ୍ତାନମାନଙ୍କୁ ସତର୍କ କରିଥିଲେ । (ଯାତ୍ରା ୩୪:୧୧-୧୬) ଅନେକ ସ୍ତ୍ରୀମାନଙ୍କୁ ବିବାହ କରିବା ନିମନ୍ତେ ନିଷେଧ କରିଥିଲେ । କାରଣ ତଦ୍ୱାରା ସଦାପ୍ରଭୁଙ୍କ ଠାରୁ ସେମାନଙ୍କ ହୃଦୟ ଦୂରେଇ ଯିବ । ତଥାପି ଶଲୋମନ ଅନେକ ବିଜାତୀୟ ଭାର୍ଯ୍ୟା ଗ୍ରହଣ କରିଥିଲେ । ଅନେକ ସ୍ତ୍ରୀମାନଙ୍କ ସହ ତାହାଙ୍କ ସମ୍ବନ୍ଧ ଥିଲା । ସଦାପ୍ରଭୁ ସତର୍କ କରିବା ସଦୃଶେ ତାଙ୍କର ପତ୍ନୀମାନେ ତାଙ୍କର ମନକୁ ବିପଥଗାମୀ କଲେ । ଜ୍ଞାନୀ ଶଲୋମନ ମୁର୍ଖ ଭାବେ କାର୍ଯ୍ୟ କଲେ ।

ଯୁବକମାନେ ଆପଣା ଆପଣା ନିମନ୍ତେ ଈଶ୍ୱରଭକ୍ତା ଯୁବତୀମାନଙ୍କୁ ଆପଣା ଆପଣା ସହଧର୍ମିଣୀ ରୂପ୍ରେ ମନୋନୀତ କରିବା ଆବଶ୍ୟକ । କିପରି ସ୍ତ୍ରୀଙ୍କୁ ବିବାହ କରୁଅଛନ୍ତି, ତାହା ସେମାନଙ୍କ ନିମନ୍ତେ ବିଶେଷ ପ୍ରାଧାନ୍ୟତାର ବିଷୟ । 'ବିବାହ', ଏକ ପୁରୁଷ ଓ ସ୍ତ୍ରୀ ନିମନ୍ତେ ଆଜୀବନ ବନ୍ଧନ । (ମାଥିଉ ୧୯:୩-୬, ରୋମୀୟ ୭:୨,୩)

ଯଦିଓ ଆମ୍ଭେମାନେ ଶଲୋମନ ଜ୍ଞାନକୁ ପ୍ରଶଂସା କରୁ, ଜଣେ ଖ୍ରୀଷ୍ଟିୟାନ ସେ କରିଥିବା ମୁର୍ଖାମୀ ନ କରିବାକୁ ଜାଗ୍ରତ ରହୁ । ଶଲୋମନଙ୍କ ମୁର୍ଖତା ତାହାଙ୍କ ପତନର କାରଣ ହେଲା ।

**- Maxie B. Noren**

❋❋❋

# ସଦାପ୍ରଭୁ ମନୁଷ୍ୟକୁ ନିର୍ମାଣ କଲେ

## ( The Lord formed Man )

"ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ; ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।" (ଆଦି ୨:୭)

ସଦାପ୍ରଭୁ ମନୁଷ୍ୟକୁ ଧୂଳିରୁ ନିର୍ମାଣ କଲେ । ଏହାର ଅର୍ଥ ନୁହେଁ ଯେ, ମନୁଷ୍ୟ କେବଳ ଧୂଳି ମାତ୍ର । ବୈଜ୍ଞାନିକମାନଙ୍କ ମତରେ ମନୁଷ୍ୟର ଶରୀରର

ନିର୍ମାଣ, ଧୂଳିର ଗୁଣ ସହିତ ସମାନ । ଏତଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ନିମ୍ନତର ଉତ୍ପତ୍ତି, କ୍ଷଣଭଙ୍ଗୁର ମନୁଷ୍ୟ ଜୀବନ ଓ ମନୁଷ୍ୟ ଶରୀରର ଶେଷ ଦଶା ବିଷୟରେ ଜାଣିପାରୁ ।

"ସମସ୍ତେ ଏକ ସ୍ଥାନକୁ ଯା'ନ୍ତି, ସମସ୍ତେ ଧୂଳିରୁ ଉତ୍ପନ୍ନ ଓ ସମସ୍ତେ ପୁନର୍ବାର ଧୂଳିରେ ଲୀନ ହେବେ ।" (ଉପଦେଶକ ୩:୨୦)

ଯଦିଓ ଆମ୍ଭେମାନେ ଧୂଳିରେ ନିର୍ମିତ, ତଥାପି ସଦାପ୍ରଭୁଙ୍କ ହସ୍ତ ଦ୍ୱାରା ସୃଷ୍ଟ । ଆମ୍ଭେମାନେ ଯେବେ ଆମ୍ଭମାନଙ୍କ ହାତ, ଚକ୍ଷୁ, ମସ୍ତିଷ୍କ ପରୀକ୍ଷା କରୁ, ଆମ୍ଭେମାନେ ଯେ କେତେ ଆଶ୍ଚର୍ଯ୍ୟମୟ ଭାବେ ଗଠିତ ଜାଣିପାରୁ । ଗୀତରଚକ କହନ୍ତି, "ମୁଁ ତୁମ୍ଭକୁ ଧନ୍ୟବାଦ ଦେବି, କାରଣ ମୁଁ ଭୟଙ୍କର ଓ ଆଶ୍ଚର୍ଯ୍ୟ ଓ ଆଶ୍ଚର୍ଯ୍ୟ ରୂପେ ନିର୍ମିତ । ତୁମ୍ଭର କର୍ମ ସକଳ ଆଶ୍ଚର୍ଯ୍ୟ, ଏହା ମୋ ପ୍ରାଣ ଭଲ ରୂପେ ଜାଣେ ।" (ଗୀତ ୧୩୯:୧୪)

ସଦାପ୍ରଭୁଙ୍କ ଦୃଷ୍ଟିରେ ଆମ୍ଭମାନଙ୍କ ଶରୀର ବହୁମୂଲ୍ୟ । କାରଣ ସେଠାରେ ତାହାଙ୍କ ଆତ୍ମା ବାସ କରନ୍ତି ।" ଅବା ତୁମ୍ଭମାନଙ୍କର ଶରୀର ଯେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ ତୁମ୍ଭେମାନେ ନିଜ ନିଜର ନୁହଁ !" (୧ମ କରିନ୍ଥୀ ୬:୧୯)

ପ୍ରମୁଖତଃ ସଦାପ୍ରଭୁ ଆମ୍ଭମାନଙ୍କ ଏକ ଏକ ଆତ୍ମା ଦେଇଅଛନ୍ତି । ସଦାପ୍ରଭୁ ଜୀବଜନ୍ତୁଙ୍କୁ ଜୀବନ ଦେଇଅଛନ୍ତି, କିନ୍ତୁ ସେ ଜୀବନ କ୍ଷଣଭଙ୍ଗୁର । କିନ୍ତୁ ମନୁଷ୍ୟର ଆତ୍ମା ଅନନ୍ତଜୀବୀ । "ମନୁଷ୍ୟର ଆତ୍ମା ଉର୍ଦ୍ଧ୍ୱଗାମୀ ଓ ପଶୁର ଆତ୍ମା ପୃଥିବୀର ଅଧୋଗାମୀ ହୁଏ ବୋଲି କିଏ ଜାଣେ ?" (ଉପଦେଶ ୩:୨୧)

"ପୁଣି, ଧୂଳି ପୂର୍ବ ପରି ମୃତ୍ତିକାରେ ଲୀନ ହେବ, ଆଉ ଆତ୍ମାଦାତା, ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରିଯିବ ।" (ଉପଦେଶ ୧୨:୭)

ମନୁଷ୍ୟ କୌଣସି ଏକ ସ୍ଥାନରେ ଆପଣା ଅନନ୍ତଜୀବନ ବିତାଇବ । ତାହା ଆମ୍ଭମାନଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ । ପ୍ରେରିତ ପାଉଲ କହନ୍ତି, "କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।" (୧ମ କରିନ୍ଥୀ ୬:୨୦) ଦିନ ପ୍ରତିଦିନ ସଦାପ୍ରଭୁଙ୍କ ପରିବର୍ତ୍ତିନ୍ କରି, ତାହାଙ୍କୁ କି ଗୌରବାନ୍ୱିତ କରୁଅଛୁ ?

- Loy Mitchell

❋❋❋

# ଆମ୍ଭେମାନେ କିପରି ସଦାପ୍ରଭୁଙ୍କୁ ''ଧନ୍ୟବାଦ'' ଜଣାଉ ?

## ( How do you say "Thank You" to God ? )

କେହି ଆମ୍ଭମାନଙ୍କୁ ଉପକାର କଲେ, କିଅବା ଉତ୍ତମ ବିଷୟ ପ୍ରଦାନ କଲେ, କିଅବା ଆମ୍ଭମାନଙ୍କ ବିଷୟରେ ଉତ୍ତମ ବିଷୟ କହିଲେ, ଆମ୍ଭେମାନେ ''ଧନ୍ୟବାଦ'' ଜଣାଇବାରେ ସୁଶିକ୍ଷିତ ଅଟୁ। ଦୁଇଟି ପଦ ଦ୍ୱାରା ଆମ୍ଭମାନଙ୍କ କାର୍ଯ୍ୟ ସହଜ ହୋଇଥାଏ । ପ୍ରଥମଟି ହେଲା ''ଧନ୍ୟବାଦ'' ଓ ଦ୍ୱିତୀୟଟି ''ଦୟାକରି'' (Please)

ଅକୃତଜ୍ଞ ଲୋକେ ଧନ୍ୟବାଦ ଜଣାଇବାରେ ଇଚ୍ଛୁକ ନୁହଁନ୍ତି । ଧନ୍ୟବାଦ ଜଣାଇବାରେ ଆମ୍ଭମାନଙ୍କ ସୁଶିକ୍ଷଣ, ଭଦ୍ର ବ୍ୟବହାର ପ୍ରକଟିତ ହୁଏ ।

କିନ୍ତୁ ଆମ୍ଭେମାନେ ପରମେଶ୍ୱରଙ୍କୁ କିପରି ଭାବେ ଧନ୍ୟବାଦ ଜଣାଇପାରିବା ? Telephone ଦ୍ୱାରା ଜଣାଇ ନ ପାରୁ ! କିଅବା ଏକ ''ଧନ୍ୟବାଦ'' ପତ୍ର ତାହାଙ୍କୁ ପଠାଇ ନ ପାରୁ । ତେବେ କୃପାମୟ ପରମେଶ୍ୱରଙ୍କୁ ଆମ୍ଭେ କିପରି ଧନ୍ୟବାଦ ଜଣାଇବା ? ଦୁଇ ପ୍ରକାର ଭାବେ ଆମ୍ଭେ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇପାରୁ । ( ୧ ) ଧନ୍ୟବାଦ ଜଣାଇ ଓ କୃତଜ୍ଞ ଭାବେ ଜୀବନଯାପନ କରି ।

''ପ୍ରାର୍ଥନା''ରେ ଆମ୍ଭେମାନେ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇବା ନିମନ୍ତେ, ପବିତ୍ର ବାକ୍ୟ ଆମ୍ଭମାନଙ୍କୁ ଆଦେଶ ଦିଏ । ''କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।'' (ଫିଲିପ ୪:୬) ଖାଦ୍ୟ ବିଷୟରେ ପ୍ରେରିତ ପାଉଲ, ତୀମଥିଙ୍କୁ ଲେଖନ୍ତି, ''କାରଣ ଈଶ୍ୱରଙ୍କ ସମସ୍ତ ସୃଷ୍ଟ ବସ୍ତୁ ଉତ୍ତମ, ପୁଣି ଧନ୍ୟବାଦ ସହ ଗ୍ରହଣ କଲେ କୌଣସି ବିଷୟ ଅଗ୍ରାହ୍ୟ ହୁଏ ନାହିଁ । ଯେଣୁ ବାକ୍ୟ ଓ ପ୍ରାର୍ଥନା ଦ୍ୱାରା ତାହା ପବିତ୍ର କରାଯାଏ ।'' (୧ମ ତୀମଥି ୪:୩,୪)

ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇବାରେ ଯୀଶୁଖ୍ରୀଷ୍ଟ ଏକ ଉତ୍ତମ ଉଦାହରଣ ଦେଇଅଛନ୍ତି । ଖାଦ୍ୟ ପରିବେଷଣ କରିବା ପୂର୍ବେ ସେ ପିତା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ । (ଯୋହନ ୬:୧୧) ଯୀଶୁ କହିଲେ, ''ପିତଃ, ସ୍ୱର୍ଗ ଓ ପୃଥିବୀର ପ୍ରଭୋ....'' (ମାଥିଉ ୧୧:୨୫)

ଆମ୍ଭେମାନେ କିପରି ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇ ପାରୁ ? ପ୍ରାର୍ଥନା ଓ ସ୍ତୁତିଗାନ ଦ୍ୱାରା ତାହାଙ୍କୁ ହୃଷ୍ଟଜନକ ଜୀବନଯାପନ କରି, ତାହାଙ୍କୁ ମହିମାନ୍ୱିତ କରୁ !

**- Tom Holland**

❋❋❋

## I will

1) Like **Paul**, forget those things which are behind, and press onwards. (Philips 3:13)
2) Line **David**, lift up mine eyes unto the hill from where comes my help. (Psalms 121:1)
3) Like **Abraham**, trust implicitly in my God. (James 2:23)
4) Like **Enoch**, walk daily in fellowship with my heavenly father. (Gen. 5:22)
5) Like **Jehoshaphat**, prepare my heart to seek God. (2 Chronicle 19:2,3)
6) Like **Daniel**, commune with God at all times. (Daniel 6:10)
7) Like **Job**, be patient under all circumstances. (Job 13:15,16; James 5:11)
8) Like **Aaron** and **Hur**, uphold the hands of the leaders in the Church. (Jatra 17:12)
9) Like **Caleb** and **Joshua**, refused to be discouraged because of superior numbers. (Numbers 13:30, 14: 6-9)
10) Like **Andrews**, strive to had my brother to Christ. (John 1:40-42)
11) Like **Stephen**, manifest a forgiving spirit towards all who seek hurt. (Ales 7:60)

**- Author unknown**

b. Thayer points out that the Greek 'perissoteros' for the word 'earnest' means 'over and above'.
c. The Greek word for heed is 'prosecho' is means 'to bring a ship to land'.
d. Therefore the meaning we get is 'we must the more eagerly anchor our lives to the things we have been taught'.
e. There was something to which these Hebrews were to give attention and they neglected and moved away from God.
3. 'To the things which we have heard.'
a. These are the things delivered by Christ and the apostles, and heard by the early Christians.
b. Not to the judaizers that are urging them to go back to Judaism.
c. They heard were matters pertaining to life and death.
B. He provided proof of the great salvation.
1. 'At the first began to be spoken by the Lord'
a. The word was with God from the beginning (John 1:1).
b. 'the Lord hath made known his salvation' (Psa.98:2).
2. The Old Testament prophets confirmed it.
a. these are the prophets that heard Him speak.
b. B. Like Moses, Elijah and others.
3. The New Testament Apostles performed miracles.
a. They were able to do it by the signs and wonders.
b. B. they did it by the gifts of the Holy Ghost which the Lord gave to those who He chose to give (Heb. 2:3).
C. He gave them a reminder.
1. 'For if the word spoken by angles was stedfast'
a. He is pointing out to the Old Testament.
b. In the ASV it says, 'For if the word spoken through angels proved stedfast.'
c. He was reminding them it is the true word.
2. 'Every transgression and disobedience received a just recompense of reward.'
a. People in the Old testament dispensation were punished for their disobedience.
b. The Israelites in the wilderness (Num. 14).
c. Moses was not permitted to enter the land of Canaan because of an infraction of God's command.
D. He warned them.
1. 'How shall we escape'
a. Paul is not asking them a 'how-to' process but was telling them there is no escape.

b. It is a rhetorical question.

2. If we neglect so great a salvation?

a. The greek word for neglect is, 'ameleo' which strong defines as to 'make light of.'

b. It is the same word used in Matt.22:5 where the marriage guests 'made light' of the invitation to attend the feast.

c. He is here warning against neglecting, not rejecting God's word.

d. These Jews are no doubt devoted to God.

II. Lessons we can learn from this passage.

A. The Law of Moses was brought by angels but the gospel was brought by God's Son.

1. It is the fact that those under old dispensation were this, the better dispensation, are likewise going to receive their just punishment.

B. We are reminded to give heed to those things thus delivered by the apostles.

1. We should not neglect the word.

2. If we neglect it we cannot escape the condemnation and judgement.

**- Ronnie Gootc**

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)